# NATIONAL NEWS BULLETIN (ODIA)

## 6 January - 2026

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଦେଶରେ ଆସନ୍ତା ମାସରେ ବିଶ୍ୱ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ଅନୁଷ୍ଠିତ ହେବା ନେଇ ଘୋଷଣା କଲେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ ।
- ଉତ୍ତରପ୍ରଦେଶ ଚିଠା ଭୋଟର ତାଲିକା ପ୍ରକାଶିତ ।

– ପଶ୍ଚିମବଙ୍ଗ ଚିଠା ଭୋଟର ତାଲିକା ସଂକ୍ରାନ୍ତ ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଲେ ନିର୍ବାଚନ କମିଶନ୍ ।

- କୁ-ପୋଷଣ ମୁକାବିଲା ଦିଗରେ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।
- ଲେବାନନ୍‌ର ହେଜ୍‌ବୁଲା ଏବଂ ହମାସ ଅଧ୍ୟୁଷିତ ଅଞ୍ଚଳରେ ଇସ୍ରାଏଲ୍ ପକ୍ଷରୁ ବୋମା ମାଡ଼ ।

ଏବଂ

- ମାଲେସିଆ ଓପନ୍ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିଲେ ଭାରତର ଲକ୍ଷ୍ୟ ସେନ ଏବଂ ଆୟୁଷ ସେଟୀ ।

# ବୈଷ୍ଣବ-ଏଆଇ ଇମ୍‌ପ୍ୟାକ୍ଟ ସମିଟ୍

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦେଶରେ ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି, ଉତ୍ପାଦନ ଏବଂ ଭିତ୍ତିଭୂମି ବିକାଶ ଭଳି ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ଏକ ପରିବର୍ତ୍ତନକାରୀ ଶକ୍ତି ଭାବେ ଉଭା ହେଉଛି । ରାଜସ୍ଥାନର ଜୟପୁରରେ ଆୟୋଜିତ ଆଞ୍ଚଳିକ କୃତ୍ରିମ ବୁଦ୍ଧିମତା ସମ୍ମିଳନୀକୁ ଆଭାସୀ ମାଧ୍ୟମରେ ସମ୍ବୋଧନ କରି ଶ୍ରୀ ବୈଷ୍ଣବ କହିଛନ୍ତି, କୃତ୍ରିମ ବୁଦ୍ଧିମତା ଏକ ଏଭଳି ଶକ୍ତିଶାଳୀ ଉପକରଣ ଯାହା ମାନବ ଜୀବନ ଏବଂ କାର୍ଯ୍ୟଧାରା ସମ୍ପର୍କରେ ପୂର୍ବାନୁମାନ କରିପାରୁଛି । ଭାରତରେ ଆସନ୍ତା ମାସରେ ବିଶ୍ୱ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଏହି ଅବସରରେ ସେ ଘୋଷଣା କରିଛନ୍ତି । ସେ କହିଛନ୍ତି, ବିଶ୍ୱ ସ୍ତରୀୟ ଏହି ସମ୍ମିଳନୀ ପୂର୍ବରୁ ବ୍ରିଟେନ୍, ଦକ୍ଷିଣ କୋରିଆ ଏବଂ ଫ୍ରାନ୍ସରେ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀର ପ୍ରସ୍ତୁତି ପରିପ୍ରେକ୍ଷୀରେ ଦେଶର ସମସ୍ତ ରାଜ୍ୟରେ ଆଞ୍ଚଳିକ ଏ.ଆଇ. ସମ୍ମିଳନୀ ଅନୁଷ୍ଠିତ ହେଉଛି ବୋଲି ସେ କହିଛନ୍ତି । ଇତିମଧ୍ୟରେ ମେଘାଳୟ ଏବଂ ଓଡ଼ିଶାରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ବର୍ଷକ ମଧ୍ୟରେ ୧୦ ଲକ୍ଷ ଯୁବ ଓ କ୍ଷୁଦ୍ର ଉଦ୍ୟୋଗୀଙ୍କୁ କୃତ୍ରିମ ବୁଦ୍ଧିମତା ଆଧାରିତ ଦକ୍ଷତା ପ୍ରଦାନ କରାଯିବ । ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତରେ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ପ୍ରାୟ ୭୦ ବିଲିୟନ୍ ଡଲାର୍ ନିବେଶ କରାଯାଉଛି । ସେ କହିଛନ୍ତି, ଇଣ୍ଡିଆ ଏ.ଆଇ. ମିଶନ୍

ଅଧୀନରେ ନବସୃଜନ, ନୂତନ ପରୀକ୍ଷଣ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ ପ୍ରକଳ୍ପକୁ ଅନ୍ତର୍ଭୁକ୍ତ କରାଯାଇଛି ।

1-MM-ASHWINI-VAISHNAV

କାର୍ଯ୍ୟକ୍ରମକୁ ସମ୍ବୋଧନ କରି ବିଭାଗୀୟ ରାଷ୍ଟ୍ର ମନ୍ତ୍ରୀ ଜିତିନ୍ ପ୍ରସାଦ କହିଛନ୍ତି, କୃତ୍ରିମ ବୁଦ୍ଧିମତା ମାନବ ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରିଛି । ସବୁ କ୍ଷେତ୍ରରେ ଏ.ଆଇ.ର ବ୍ୟାପକ ବ୍ୟବହାର ହେଉଛି । ଇଣ୍ଡିଆ ଏ.ଆଇ. ମିଶନ୍ ପାଇଁ ସରକାର ୧୦ ହଜାର କୋଟିରୁ ଅଧିକ ଟଙ୍କା ବଜେଟ୍ ଆବଣ୍ଟନ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପ୍ରସାଦ କହିଛନ୍ତି ।

# ୟୁପି ଏସ୍ଆଇଆର୍

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଅଧୀନରେ ଉତ୍ତରପ୍ରଦେଶର ଚିଠା ଭୋଟର ତାଲିକା ପ୍ରକାଶ ପାଇଛି । ଲକ୍ଷ୍ନୌ ଠାରେ ଆଜି ଗଣମାଧ୍ୟମକୁ ସମ୍ବୋଧନ କରି ଉତ୍ତରପ୍ରଦେଶର ନିର୍ବାଚନ ଅଧିକାରୀ ନବଦୀପ ରିନ୍‌ଭା ଏହି ସୂଚନା ପ୍ରଦାନ କରିଛନ୍ତି । ଚିଠା ଭୋଟର ତାଲିକାରେ ୧୨ କୋଟି ୫୫ ଲକ୍ଷ ୫୬ ହଜାର ୨୫ ଜଣ ଭୋଟର ରହିଥିବା ସେ କହିଛନ୍ତି । ପୂର୍ବରୁ ଥିବା ଭୋଟର ତାଲିକାର ୮୧ ଦଶମିକ୍ ୩ ପ୍ରତିଶତ ଭୋଟର ଫର୍ମ ପୂରଣ କରି ନୂତନ ଚିଠା ତାଲିକାରେ ନିଜ ନାମ ପଞ୍ଜିକରଣ କରିଛନ୍ତି ।

ଆଜିଠାରୁ ଆସନ୍ତା ମାସ ୬ ତାରିଖ ପର୍ଯ୍ୟନ୍ତ ଚିଠା ଭୋଟର ତାଲିକା ନେଇ ଦାବି ଏବଂ ଆପତ୍ତି ଗ୍ରହଣ କରିବାର ସମୟସୀମା ଧାର୍ଯ୍ୟ ହୋଇଥିବା ନିର୍ବାଚନ ଅଧିକାରୀ କହିଛନ୍ତି ।

## ଇସି-ଡବ୍ଲ୍ୟୁବି

ପଶ୍ଚିମବଙ୍ଗ ଚିଠା ଭୋଟର ତାଲିକାରେ ରହିଥିବା ଅଭିଯୋଗ ସଂକ୍ରାନ୍ତ ନୋଟିସ୍ ଗୁଡ଼ିକ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ବାଚନ କମିଶନ୍ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୋଗଗୁଡ଼ିକୁ ଡାଉନ୍‌ଲୋଡ୍ କରି ରାଜ୍ୟରେ ଜାରି ରହିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଅଧୀନରେ ଆଗାମୀ ୫ ଦିନ ମଧ୍ୟରେ ସମ୍ପୃକ୍ତ ଭୋଟରଙ୍କ ପାଖରେ ପହଞ୍ଚାଇବାକୁ କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି । ଏ କ୍ଷେତ୍ରରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି କମିଶନ୍ ସ୍ପଷ୍ଟ କରିଛନ୍ତି । କମିଶନ୍‌ଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଭୂପେନ୍ଦ୍ର-ଏୟାର୍ ପଲ୍ୟୁସନ୍

ଦିଲ୍ଲୀ ଏନ୍.ସି.ଆର୍. ଅଞ୍ଚଳରେ ବାୟୁ ପ୍ରଦୂଷଣ ମୁକାବିଲା ନେଇ ଏକ ସମୀକ୍ଷା ବୈଠକ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଛି । ରାଜସ୍ଥାନ ଏବଂ ପଞ୍ଜାବ ସରକାରଙ୍କ ପକ୍ଷରୁ ଏଥିପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି । ବାୟୁ ପ୍ରଦୂଷଣ ମୁକାବିଲା ସଂକ୍ରାନ୍ତ ଏହି ପଞ୍ଚମ ବୈଠକରେ ମନ୍ତ୍ରୀ ଶ୍ରୀ ଯାଦବ ଦିଲ୍ଲୀ ଏନ୍.ସି.ଆର୍. ଅଞ୍ଚଳରେ ବାୟୁ ଗୁଣବତା ନେଇ ଚିନ୍ତା ପ୍ରକଟ କରିଛନ୍ତି । ସେ କହିଛନ୍ତି, ଚଳିତ ମାସ ଠାରୁ ପ୍ରତି ମାସରେ ମନ୍ତ୍ରୀ ସ୍ତରୀୟ କାର୍ଯ୍ୟ ଯୋଜନା ସମୀକ୍ଷା ବୈଠକ ଅନୁଷ୍ଠିତ ହେବ । ନିୟମିତ ଆନ୍ତଃ ରାଜ୍ୟ ସମନ୍ୱୟ ବୈଠକ ମାଧ୍ୟମରେ ଏ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରାଯିବା ବୋଲି ମନ୍ତ୍ରୀ ଶ୍ରୀ ଯାଦବ ପ୍ରତିଶ୍ରୁତି ଦେଇଛନ୍ତି ।

## ଜୟଶଙ୍କର-ଲକ୍ସମ୍ବର୍ଗ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ଲକ୍ସମ୍ବର୍ଗ ପ୍ରଧାନମନ୍ତ୍ରୀ ଲକ୍ ଫ୍ରିଡେନ୍‌ଙ୍କୁ ସାକ୍ଷାତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଏକ୍ସମ୍ବର୍ଗ ପ୍ରଧାନମନ୍ତ୍ରୀଙ୍କ ସହିତ ଆର୍ଥିକ ସେବା, ପୁଞ୍ଜିନିବେଶ, ପ୍ରଯୁକ୍ତିବିଦ୍ୟା ଓ

ନବସୃଜନ ସମ୍ବନ୍ଧିୟ ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି । ବିକଶିତ ଭାରତ ଗଠନ ଦିଗରେ ପ୍ରଧାନମନ୍ତ୍ରୀ ଲକ୍ ଫ୍ରିଡେନ୍ଙ୍କ ସମର୍ଥନ ପାଇଁ ଶ୍ରୀ ଜୟଶଙ୍କର ତାଙ୍କୁ ପ୍ରଶଂସା କରିଛନ୍ତି ।

## ଗୋୟଲ୍-ମାଲ୍ ନ୍ୟୁଟ୍ରିସନ୍

ବିକଶିତ ଭାରତ ଗଠନ ଏବଂ ଦେଶର ଦୀର୍ଘକାଳୀନ ସାମାଜିକ ଓ ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ ରଖିବା ଦିଗରେ କୁ-ପୋଷଣକୁ ପ୍ରତିହତ କରିବା ପାଇଁ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ଼ ଦ୍ୱାରା ଆୟୋଜିତ ପୁଷ୍ଟିସାର ସମ୍ପର୍କିତ ଏକ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଗୋୟଲ କହିଛନ୍ତି, କୁ-ପୋଷଣ ଭଳି ଆହ୍ୱାନର ମୁକାବିଲା ପାଇଁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି । କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ସି.ଏସ୍.ଆର୍. ବ୍ୟବସାୟକୁ ସାମାଜିକ ପ୍ରଭାବ ସହିତ ଯୋଡ଼ିବା ପାଇଁ ଦୃଢ଼ ସୁଯୋଗ ପ୍ରଦାନ କରେ ବୋଲି ସେ କହିଛନ୍ତି । କୁ-ପୋଷଣ ଆହ୍ୱାନର ସମାଧାନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସରକାର ବ୍ୟବସାୟ କ୍ଷେତ୍ର ସମ୍ପ୍ରଦାୟ ଏବଂ ବ୍ୟକ୍ତିବିଶେଷ ସମ୍ମିଳିତ ଭାବେ କୁ-ପୋଷଣ ବିରୁଦ୍ଧରେ ଦାୟିତ୍ୱ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

କୁ-ପୋଷଣର କାରଣ ଗୁଡ଼ିକ ଚିହ୍ନଟ କରିବା ଏବଂ ଏହାର ସମାଧାନ ଦିଗରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ଭୂମିକା ଉପରେ ଶ୍ରୀ ଗୋୟଲ୍ ଆଲୋକପାତ କରିଛନ୍ତି ।

## ପ୍ରଗତି-ସ୍ପେଶାଲ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତୀ' ଏହାର ୫୦ତମ ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀ ସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ ଗୁଡ଼ିକୁ ଏକ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ସମନ୍ୱୟ କରାଯାଇ ସମବାୟ ସଂଘୀୟତାର ଉଦାହରଣ ସୃଷ୍ଟି ହୋଇଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା ବ୍ରହ୍ମପୁତ୍ର ନଦୀ ଉପରେ ବୋଗିବିଲ୍ ରେଳ ଏବଂ ସଡ଼କ ସେତୁ ସମ୍ପର୍କରେ ।

ଦେଶର ସବୁଠାରୁ ଲମ୍ବା ଏବଂ ଏସିଆର ଦ୍ୱିତୀୟ ବୃହତ୍ ରେଳ ସଡ଼କ ସେତୁ ବୋଗିବିଲ୍ ଦେଶର ଉତ୍ତରପୂର୍ବ ଅଞ୍ଚଳର ଜୀବନରେଖା ପାଲଟିବା ସହ ଆସାମ ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ ଯୋଗାଯୋଗ ସ୍ଥାପନକୁ

ସୁଗମ କରିଛି । ୪ ଦଶମିକ୍ ୯ କିଲୋମିଟର ଲମ୍ବ ଏହି ସେତୁ ଆସାମ ଏବଂ ଅରୁଣାଚଳ ପ୍ରଦେଶରେ ରହୁଥିବା ପ୍ରାୟ ୫୦ ଲକ୍ଷ ଲୋକଙ୍କ ପାଇଁ ଯୋଗାଯୋଗକୁ ବୃଦ୍ଧି କରିଛି । ୧୯୯୭-୯୮ ମସିହାରେ ମଞ୍ଜୁରୀପ୍ରାପ୍ତ ଏହି ପ୍ରକଳ୍ପର କାର୍ଯ୍ୟ ୨୦୦୨ ଏପ୍ରିଲ୍ ୨୧ ତାରିଖରେ ଆରମ୍ଭ ହୋଇଥିଲା । ତେବେ କାର୍ଯ୍ୟ ଆରମ୍ଭର ୧୩ ବର୍ଷ ପରେ ମଧ୍ୟ ଏହି ପ୍ରକଳ୍ପ ୭୨ ପ୍ରତିଶତ ପ୍ରଗତୀ କରିପାରିଥିଲା । ଖର୍ଚ୍ଚ ମଧ୍ୟ ୫ ଗୁଣା ବୃଦ୍ଧି ପାଇଥିଲା । ୨୦୧୫ ମସିହାରେ ପ୍ରଗତୀ ପଦକ୍ଷେପ ମାଧ୍ୟମରେ ଶ୍ରୀ ମୋଦୀ ଏହି ପ୍ରକଳ୍ପର ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ୨୦୧୮ ଡିସେମ୍ବର ୨୫ ତାରିଖରେ ଏହାର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହି ରେଳ ସଡ଼କ ସେତୁ ପ୍ରତୀରକ୍ଷା ବାହିନୀ ପାଇଁ ତଥା ପୂର୍ବାଞ୍ଚଳରେ ଜାତୀୟ ସୁରକ୍ଷା ଓ ରଣନୈତିକ ପ୍ରସ୍ତୁତିକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

## ଇସ୍ରାଏଲ୍ ଏୟାର୍ ଷ୍ଟ୍ରାଇକ୍

ଲେବାନନ୍‌ର ହେଜ୍‌ବୋଲା ଓ ହମାସ୍ ଅଧ୍ୟୁଷିତ ଅଞ୍ଚଳରେ ଇସ୍ରାଏଲ୍ ପକ୍ଷରୁ ବୋମାମାଡ଼ କରାଯାଇଛି । ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଭିଡ଼ିଓରୁ ଜଣାପଡ଼ିଛି, ଇସ୍ରାଏଲ୍‌ର ଆକ୍ରମଣରେ ଉପକୂଳ ସହର ସିଡୋନ୍‌ରେ ବ୍ୟାପକ କ୍ଷୟକ୍ଷତି ହେବା ସହ ଅଞ୍ଚଳରେ ଧୂଆଁ ବ୍ୟାପି

ଯାଇଛି । ଗତକାଲି ଆକାଶ ମାର୍ଗରୁ କରାଯାଇଥିବା ଏହି ଆକ୍ରମଣ ଆଜି ସକାଳ ପର୍ଯ୍ୟନ୍ତ ଚାଲିଥିଲା । ଲେବାନନ୍ ସରକାରୀ ଜାତୀୟ ସମ୍ବାଦ ସଂସ୍ଥା ପକ୍ଷରୁ କୁହାଯାଇଛି, ଏହି ଆକ୍ରମଣ ଫଳରେ ସିଡୋନ୍‌ର ଶିଳ୍ପାଞ୍ଚଳରେ ଅନେକଗୁଡ଼ିଏ ବ୍ୟବସାୟିକ ଘର ଭାଙ୍ଗି ଯାଇଛି ।

ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ପକ୍ଷରୁ ଆଜି ସକାଳେ ଜାରି ବିବୃତ୍ତିରେ କୁହାଯାଇଛି, ସେଠାରେ ଥିବା ଅସ୍ତ୍ରାଗାର ଓ ସାମରିକ ଢାଞ୍ଚାକୁ ନଷ୍ଟ କରିବା ପାଇଁ ଏହି ଆକ୍ରମଣ ଉଦ୍ଦିଷ୍ଟ ଥିଲା । ଏହି ଆକ୍ରମଣରେ ଦକ୍ଷିଣ ଲେବାନନ୍ ସ୍ଥିତ ହମାସର ଅସ୍ତ୍ରାଗାରକୁ ମଧ୍ୟ ନଷ୍ଟ କରାଯାଇଥିବା ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି ।

## ପଞ୍ଜାବ-ଆରେଷ୍ଟ

ପଞ୍ଜାବରେ ଆଜି ପୁଲିସ୍ ବିଭିନ୍ନ ଅଭିଯାନରେ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଓ ମାଦକ ଦ୍ରବ୍ୟ ସହିତ ୭ ଜଣଙ୍କୁ ଗିରଫ୍ କରିଛି । ପଞ୍ଜାବ ପୁଲିସ୍‌ର ମାଦକ ଦ୍ରବ୍ୟ ନିରୋଧି ଟାସ୍କଫୋର୍ସ୍ ଓ ସୀମା ସୁରକ୍ଷା ବାହିନୀର ମିଳିତ ଅଭିଯାନରେ ଅମୃତଶର ନିକଟ ସୀମାନ୍ତ ଗ୍ରାମରୁ ୨୦ କିଲୋଗ୍ରାମ୍ ହେରୋଇନ୍ ସହିତ ଦୁଇ ଜଣଙ୍କୁ ଗିରଫ୍ କରାଯାଇଛି । ଅନ୍ୟ ଏକ ଅଭିଯାନରେ ଭଟିଣ୍ଡା ପୁଲିସ୍ ୩ ଜଣଙ୍କୁ ଗିରଫ୍ କରି ସେମାନଙ୍କଠାରୁ ୪ଟି ଅବୈଧ ପିସ୍ତଲ ଓ ୨୬ଟି ଜୀବନ୍ତ ଗୁଳି ଜବତ କରିଛି । ଘଟଣାର ଅଧିକ ତଦନ୍ତ କରାଯାଉଛି ।

# ବ୍ୟାଡ୍‌ମିଣ୍ଟନ୍

ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ତାରକା ଲକ୍ଷ୍ୟ ସେନ୍ ଓ ଆୟୁଷ ସେଟୀ ମାଲେସିଆ ଓପନ୍ ସୁପର୍ ୭୫୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗ ଏକକ ବର୍ଗରେ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି । ମାଲେସିଆର କ୍ୱାଲାଲମ୍ପୁର୍‌ରେ ଅନୁଷ୍ଠିତ ଆଜିର ମ୍ୟାଚ୍‌ରେ ଲକ୍ଷ୍ୟ ସେନ୍ ସିଙ୍ଗାପୁରର ଜିଆହେଙ୍ଗ୍ ଜାସଙ୍ଗ ତେହଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଯାଇଛନ୍ତି । ଆସନ୍ତାକାଲି ସେ ହଂକଂର ଲି ଚ୍ୟୁକ୍ ୟୁ ଙ୍କୁ ଭେଟିବେ । ଆୟୁଷ ସେଟୀ ମଧ୍ୟ ପ୍ୟାରିସ୍ ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜେତା ମାଲେସିଆର ଲି ଜି ଜିଆଙ୍କୁ ହରାଇ ପରବର୍ତ୍ତି ପର୍ଯ୍ୟାୟରେ ପହଞ୍ଚିଛନ୍ତି ।